# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ---୨୭୪----/ସୂ.ଲୋ.ସଂ　　　　ତା.-୧୦/୧୨/୨୦୨୦---

## ସର୍ବଭାରତୀୟ ସ୍ତରରେ ନୀତି ଆୟୋଗଙ୍କ ଦ୍ୱାରା ଢେଙ୍କାନାଳ ଜିଲ୍ଲା ପୁରସ୍କୃତ ।
## ଜିଲ୍ଲାପାଳଙ୍କୁ ପ୍ରଂଶସା, ଜିଲ୍ଲାକୁ ମିଳିବ ୩ କୋଟି ।

ଢେଙ୍କାନାଳ, ତା. ୧୦.୧୨.୨୦୨୦

**ନୀତି ଆୟୋଗର ଆକାଂକ୍ଷା ଜିଲ୍ଲା** ମାନଙ୍କୁ ନେଇ ପ୍ରକାଶିତ ଅକ୍ଟୋବର-୨୦୨୦ ଡେଲ୍ଟା ରାଙ୍କିଙ୍ଗ୍ ପକ୍ରିୟାରେ **ମୌଳିକ ଆଧାରିକ ସଂରଚନା (ବେସିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର)** ବିଭାଗରେ ଢେଙ୍କାନାଳ ଜିଲ୍ଲା ସମଗ୍ର ଦେଶରେ ତୃତୀୟ ସ୍ଥାନ ହାସଲ କରି ୩ କୋଟି ଟଙ୍କାର ପୁରସ୍କାର ରାଶି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିଛି । ନୀତି ଆୟୋଗ ପକ୍ଷରୁ ଆକାଂକ୍ଷା ଜିଲ୍ଲା ଭାବେ ଢେଙ୍କାନାଳ ଜିଲ୍ଲା ପ୍ରଶଂସନୀୟ କାର୍ଯ୍ୟ କରୁଥିବାରୁ ଏବଂ ପ୍ରତ୍ୟେକ ପ୍ରକଳ୍ପ ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସୁଚାରୁ ରୁପେ ସଂପାଦିତ ହେଉଥିବାରୁ କେନ୍ଦ୍ରୀୟ ପ୍ରଭାରୀ ଏବଂ ରାଜ୍ୟ ପ୍ରଭାରୀ, ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କୁ ପ୍ରସଂଶା କରିଛନ୍ତି । ଉକ୍ତ ପୁରସ୍କୃତ ରାଶିକୁ ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଯଥା ଶିଘ୍ର ଯୋଜନା ପ୍ରସ୍ତୁତ କରି ନୀତି ଆୟୋଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଅନୁମୋଦନ ନିମନ୍ତେ ପଠାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି । ପୂର୍ବରୁ ଗତବର୍ଷ ଜୁନ୍, ଜୁଲାଇ-୨୦୧୯ ମସିହାରେ **ଆର୍ଥିକ ଅର୍ଥର୍ଭୁକ୍ତି କରଣ ଓ ଦକ୍ଷତା ବିକାଶ ( ଫାଇନାନ୍‌ସିଆଲ ଇନ୍‌କ୍ଲୁସନ୍ ଏଣ୍ଡ ସ୍କିଲ୍ ଡେଭ୍‌ଲୋପ୍‌ମେଣ୍ଟ)** କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବାରୁ ଢେଙ୍କାନାଳ ଜିଲ୍ଲାକୁ ନୀତି ଆୟୋଗ ଦ୍ୱାରା ତିନି କୋଟି ଟଙ୍କାର ଅର୍ଥ ରାଶି ପୁରସ୍କୃତ ହୋଇପାରିଥିଲା । ଯେଉଁ ଅର୍ଥକୁ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ ଜଳଯୋଗାଣ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିନିଯୋଗ କରାଯାଇଛି ।

ଏହି ପରିପ୍ରେକ୍ଷିରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ଓ ଏହି ଯୋଜନାର ନୋଡ଼ାଲ୍ ଅଫିସର-ତଥା-ଉପ-ନିର୍ଦ୍ଦେଶକ (ଯୋଜନା) ଶ୍ରୀ ସରୋଜ କୁମାର ସେଠୀଙ୍କ ସମେତ ସଂପୃକ୍ତ ସମସ୍ତ ଅଧିକାରୀ ମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଛନ୍ତି । ଏବଂ ଆଗାମୀ ଦିନରେ ସରକାରଙ୍କର ବିକାଶ ମୂଳକ କାର୍ଯ୍ୟକୁ ଏହିପରି ନିଷ୍ଠାପର ସହ ସଠିକ୍ ଭାବରେ ଏବଂ ସଠିକ୍ ସମୟରେ କରିପାରିଲେ ସର୍ବଭାରତୀୟ ସ୍ତରରେ ଢେଙ୍କାନାଳ ଜିଲ୍ଲା ପ୍ରସଂଶିତ ଏବଂ ପୁରସ୍କୃତ ହୋଇପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

.....................................................

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୦/୧୨/୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ